CCWSD

# STATE LEVEL

SVSE

# SHISHU VIKASH SCHOLARSHIP EXAM - 2012

## APPLICATION FORM

Name of the student : ____________________

Father's Name : ____________________

Postal address for correspondence: ____________________

____________________

Mobile No : __________ / __________

Name & address of the school : ____________________

Tel.No: __________ Mob: __________

Class : __________

Name of the Exam Centre : ____________________

Zone : __________ Dist : __________

Deposited amount ( By cash /DD) Rs .__________(Rupees__________only)

## DECLARATION

The information furnished in the application is true and correct to the best of my knowledge. In case any information is found to be incorrect I agree to forgo any claim for admission and also for the fees already paid. I will abide by the rules and regulations framed by the organization. In case any indiscipline found by the centre Superintendent the action taken by him which will be binding on me .

**Signature of Student**

Place -

Date -

**To be filled in by Headmaster / Pradhan Acharya**

Candidates Name :

Centre Name :

I hereby certify that I have verified all the information furnished by the candidate and found to be correct.

Signature of the Headmaster
with seal & date

*N.B-Incomplete or defective applications are liable to be rejected.*

# ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର, ଓଡ଼ିଶା

## ଏକ ସଂକ୍ଷିପ୍ତ ପରିଚୟ

ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ରାଜ୍ୟର ଏକ ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିକ ଅନୁଷ୍ଠାନ । ଏହି ଅନୁଷ୍ଠାନ ୧୯୯୯ ମସିହା ଜୁଲାଇ ୨୭ ତାରିଖରେ ଭାରତୀୟ ସମିତି ପଞ୍ଜିକରଣ ଆଇନ୍ ୧୮୬୦ ଅନୁଯାୟୀ ପଞ୍ଜିକୃତ ହୋଇଛି । କିନ୍ତୁ ତା' ପୂର୍ବରୁ ଅର୍ଥାତ୍ ୧୯୯୮ ରେ କେତେକ ଉଚ୍ଚ ଶକ୍ଷିତ,ଉତ୍ସର୍ଗୀକୃତ ,କାର୍ଯ୍ୟଦକ୍ଷ, ନିଷ୍ଠାବାନ ସେଚ୍ଛାସେବୀ, ଯୁବ ସମାଜସେବୀ ତଥା ଶିକ୍ଷାବିତ୍‌ଙ୍କୁ ନେଇ ଏହାର ବୀଜ ବପନ କରାଯାଇଥିଲା, ଯେଉଁ ବୀଜକି ଆଜି ଗୋଟିଏ, ବିରାଟକାୟ ବଟ ବୃକ୍ଷ ସଦୃଶ ରାଜ୍ୟର ପ୍ରତି କୋଣ ଅନୁକୋଣରେ ଏହାର କାର୍ଯ୍ୟର ଶାଖା ପ୍ରଶାଖାକୁ ପ୍ରସାର କରିଚାଲିଛି । କାଲିର ନାଗରିକ ତଥା ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରୁଥିବା କୁନି କୁନି ବିଦ୍ୟାର୍ଥୀଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହି ଅନୁଷ୍ଠାନ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଛି ।

### ମେଧାବୃତ୍ତି :-

ପ୍ରତ୍ୟେକ ଛାତ୍ରଛାତ୍ରୀର ଜ୍ଞାନର ପରିସୀମା କଳନା କରିବା ପାଇଁ ବର୍ଷ ଶେଷରେ ଏକ ମୂଲ୍ୟାଙ୍କନ ପତ୍ର ଦିଆଯାଇଥାଏ ଏବଂ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାରୀ ସ୍ତରରେ ମେଧାବୃତ୍ତିର ବ୍ୟବସ୍ଥା ଥାଏ । କିନ୍ତୁ ତାହା କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଏବଂ କେତେକ ଉତ୍ସାହୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୀମାବଦ୍ଧ । ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପରିସର ବ୍ୟତୀତ ବାହ୍ୟ କ୍ଷେତ୍ରରେ ମଧ୍ୟ ନିଜର ସ୍ଥିତି ଅବଗତ କରାଇବା ସଙ୍ଗେ ସଙ୍ଗେ ବିଦ୍ୟାଧ୍ୟୟନ କ୍ଷେତ୍ରରେ କିପରି ନିଜର ମନକୁ ସୁଦୃଢ଼ କରିବେ ସେଥିପାଇଁ ସେମାନଙ୍କୁ ଦିଗ୍‌ଦର୍ଶନ ଦେବା ସହ ଉତ୍ସାହିତ କରିଥାଏ । ଏତତ୍ ବ୍ୟତୀତ ପିତାମାତାଙ୍କ ଦାୟିତ୍ୱ ନିର୍ବାହ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରେରଣାର ପ୍ରସାର ଲାଗି ପଦକ୍ଷେପ ନିଆଯାଇଥାଏ । ସାମ୍ପ୍ରତିକ କାଳରେ ତୀବ୍ର ପ୍ରତିଯୋଗିତା ମୂଳକ ପରିସ୍ଥିତିର ଉପଯୁକ୍ତ ଭାବେ ସମ୍ମୁଖୀନ ହେବା ନିମିତ୍ତ ଏହି ସଂଗଠନ ଏକ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା ଦ୍ୱିତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜନ କରିଆସୁଛି ।

### ପ୍ରଶ୍ନପତ୍ର :-

ମେଧାବୃତ୍ତିର ପ୍ରଶ୍ନଗୁଡ଼ିକ ରାଜ୍ୟର ଅଭିଜ୍ଞ ଓ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ସଂସ୍ଥା ଦ୍ୱାରା ଏକ ସ୍ୱତନ୍ତ୍ର ବୋର୍ଡ଼ ଗଠନ କରାଯାଇ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଗ୍ରହଣ କରାଯାଇଥିବା ପ୍ରଶ୍ନପତ୍ରରୁ ପୁନଃଚୟନ ପୂର୍ବକ ପ୍ରଶ୍ନପତ୍ରକୁ ଚୂଡ଼ାନ୍ତ ରୂପ ଦିଆଯାଏ । ପ୍ରଶ୍ନପତ୍ରରେ ପାଠ୍ୟକ୍ରମରୁ ୭୫ ଭାଗ ପ୍ରଶ୍ନ ସହିତ ବୁଦ୍ଧିମତ୍ତା ଓ ସାଧାରଣଜ୍ଞାନ ୨୫ ଭାଗ ସଂଯୋଜିତ ହୋଇଥାଏ । ଉକ୍ତ ପ୍ରଶ୍ନ ପତ୍ରରେ ଗଣିତରୁ ୨.୫ ନମ୍ବର ସମ୍ବଳିତ ୩୦ ଟି ପ୍ରଶ୍ନ, ଇଂରାଜୀ ବ୍ୟାକରଣ ୨ ନମ୍ବର ସମ୍ବଳିତ ୧୫ ଟି ପ୍ରଶ୍ନ, ବିଜ୍ଞାନରୁ ୨ ନମ୍ବର ସମ୍ବଳିତ ୨୦ଟି ପ୍ରଶ୍ନ, ସାଧାରଣ ଜ୍ଞାନ ଓ ବୁଦ୍ଧିମତ୍ତାରୁ ୨ ନମ୍ବର ସମ୍ବଳିତ ୨୦ ଟି ପ୍ରଶ୍ନ ଓ ଓଡ଼ିଆ ବ୍ୟାକରଣରୁ ୧ ନମ୍ବର ସମ୍ବଳିତ ୧୫ ଟି ପ୍ରଶ୍ନ ଆସିଥାଏ ।ଏହିପରି ଛାତ୍ରଛାତ୍ରୀମାନଙ୍କୁ ମୋଟ ୨୦୦ ନମ୍ବର ସମ୍ବଳିତ ୧୦୦ ଟି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼େ । ଚଳିତ ବର୍ଷଠାରୁ ପ୍ରଶ୍ନପତ୍ର ଓ ଉତ୍ତର ପତ୍ର ପୃଥକ କରାଯାଇଛି । ଉତ୍ତର ପତ୍ରରେ ଛାତ୍ରଛାତ୍ରୀମାନେ ନୀଳ/କଳା ବଲପେନ୍‌ରେ କଳା ରଙ୍ଗ କରିବେ ।

### ପରୀକ୍ଷା ଫଳ ଘୋଷଣା :-

ପରୀକ୍ଷା ସରିବାର ୬୦ ଦିନ ପରେ ଫଳାଫଳ ଘୋଷଣା କରାଯିବ । କେନ୍ଦ୍ର ଦ୍ୱାରା ଆୟୋଜିତ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

### ପରୀକ୍ଷା ଦିନାଙ୍କ :- ୧୯ /୦୨/୨୦୧୨

ଆବେଦନ ପତ୍ର ଗ୍ରହଣ କରିବାର ଶେଷ ଦିନାଙ୍କ : ୦୪/୦୨/୨୦୧୨

ଉକ୍ତ ତାରିଖ ସୁଦ୍ଧା ସମସ୍ତ ଆବେଦନ ପତ୍ର ସହ ପରୀକ୍ଷା ଶୁଳ୍କ ଆମର କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ନଚେତ୍ ଉକ୍ତ କେନ୍ଦ୍ରକୁ ପରୀକ୍ଷା କେନ୍ଦ୍ର ରୂପେ ଗ୍ରହଣ କରାଯିବ ନାହିଁ ।

## ଆଞ୍ଚଳିକ (ଜୋନ୍ ) ସ୍ତରରେ ବିଭକ୍ତ କରାଯାଇଥିବା ଜିଲ୍ଲାମାନଙ୍କର ସୂଚନା :-

ପୂର୍ବ ଆଞ୍ଚଳିକ ବିଭାଗ ( Zone A) : ଖୋର୍ଦ୍ଧା ,କଟକ ,ପୁରୀ , ଜଗତ୍‌ସିଂହପୁର ,କେନ୍ଦ୍ରାପଡ଼ା , ଢେଙ୍କାନାଳ , ନୟାଗଡ଼ ।

ଦକ୍ଷିଣ ଆଞ୍ଚଳିକ ବିଭାଗ ( Zone B) : ମାଲକାନାଗିରି , କୋରାପୁଟ, ନବରଙ୍ଗପୁର,କଳାହାଣ୍ଡି , ରାୟଗଡ଼ା, ଗଜପତି ,ଗଞ୍ଜାମ ।

ଉତ୍ତର ଆଞ୍ଚଳିକ ବିଭାଗ ( Zone C) : ସୁନ୍ଦରଗଡ଼, ଝାରସୁଗୁଡ଼ା,ଦେଓଗଡ,କେନ୍ଦୁଝର,ମୟୁରଭଞ୍ଜ ,ବାଲେଶ୍ୱର ,ଭଦ୍ରକ, ଯାଜପୁର

ପଶ୍ଚିମ ଆଞ୍ଚଳିକ ବିଭାଗ ( Zone D) : ନୂଆପଡ଼ା, ବଲାଙ୍ଗିର,ବୌଦ୍ଧ,ଫୁଲବାଣୀ , ସୋନପୁର, ବରଗଡ,ସମ୍ବଲପୁର ,ଅନୁଗୁଳ ।

### ପୁରସ୍କାର ଓ ପ୍ରମାଣ ପତ୍ର : -

ଏହାର ପୁରସ୍କାର ୩ ଟି ପର୍ଯ୍ୟାୟ ଭୁକ୍ତ । ଯଥା - ରାଜ୍ୟସ୍ତରୀୟ ,ଆଞ୍ଚଳିକ ( ଜୋନ୍ ) ସ୍ତରୀୟ ଏବଂ କେନ୍ଦ୍ର ସ୍ତରୀୟ ।

### ରାଜ୍ୟସ୍ତରୀୟ ପୁରସ୍କାର :-

ପ୍ରତ୍ୟେକ ଶ୍ରେଣୀରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ କୃତୀ ଛାତ୍ରଛାତ୍ରୀମାନଙ୍କୁ ନଗଦରାଶି ଯଥାକ୍ରମେ ଟ. ୭୦୦/-, ଟ.୫୦୦ /-, ଟ .୩୦୦ /- ଓ ୪ର୍ଥ ରୁ ୧୦ମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ୫୦/- ଟଙ୍କା ପ୍ରଦାନ କରାଯିବା ସହ ପ୍ରଥମ ୧୦ ଜଣଙ୍କୁ ପ୍ରମାଣ ପତ୍ର ଓ ପଦକ ପ୍ରଦାନ କରାଯାଇଥାଏ ।

### ଆଞ୍ଚଳିକ (ଜୋନ୍ ) ସ୍ତରୀୟ :-

ସମୁଦାୟ ରାଜ୍ୟକୁ ୪ଟି ଆଞ୍ଚଳିକ ବିଭାଗରେ ବିଭକ୍ତ କରାଯାଇଛି । ପ୍ରତି ବିଭାଗରେ ୭ ରୁ ୮ ଟି ଜିଲ୍ଲା ଅନ୍ତର୍ଭୁକ୍ତ । ପ୍ରତି ବିଭାଗର ପ୍ରତି ଶ୍ରେଣୀର ସର୍ବାଧିକ ନମ୍ବର ରଖିଥିବା ଗୋଟିଏ ଛାତ୍ର କିମ୍ବା ଛାତ୍ରୀଙ୍କୁ ନଗଦରାଶି ୧୫୦ /- ଟଙ୍କା ସହ ପ୍ରମାଣ ପତ୍ର ଏବଂ ପଦକ ପ୍ରଦାନ କରାଯାଇଥାଏ ।

### କେନ୍ଦ୍ର ସ୍ତରୀୟ :-

ପ୍ରତି ପରୀକ୍ଷା କେନ୍ଦ୍ରରେ ଦ୍ୱିତୀୟରୁ ନବମ ଶ୍ରେଣୀ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ଛାତ୍ର କିମ୍ବା ଛାତ୍ରୀଙ୍କୁ ନଗଦରାଶି ୧୦୦ /- ଟଙ୍କା ସହ ପ୍ରମାଣ ପତ୍ର ଓ ପଦକ ପ୍ରଦାନ କରାଯାଇଥାଏ । ଯଦି କୌଣସି ପରୀକ୍ଷା କେନ୍ଦ୍ରରେ ୧୫୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥାନ୍ତି ତେବେ ସେହି ପରୀକ୍ଷା କେନ୍ଦ୍ରରେ ଗୋଟିଏ ପରିବର୍ତ୍ତେ ଦୁଇଟି କେନ୍ଦ୍ରସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥାଏ ।

### ସ୍ୱତନ୍ତ୍ର ପୁରସ୍କାର :-

ଚଳିତ ବର୍ଷଠାରୁ ମେଧାବୃତ୍ତି ପରୀକ୍ଷାରେ ଶତକଡ଼ା ୬୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ । ଯେଉଁ ଛାତ୍ରଛାତ୍ରୀମାନେ ୭୫ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବେ ସେମାନଙ୍କୁ କେନ୍ଦ୍ର ତରଫରୁ ପ୍ରମାଣ ପତ୍ର ସହ ଶିଶୁ ବିକାଶ ପଦକ ପ୍ରଦାନ କରାଯିବ ।

### ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର :-

ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷାରେ ସର୍ବାଧିକ ଯୋଗ୍ୟତା ହାସଲ କରୁଥିବା ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ସମ୍ବର୍ଦ୍ଧିତ କରାଯିବ ।

### ଶିକ୍ଷାଶ୍ରୀ ପୁରସ୍କାର :-

ଶିଶୁ ବିକାଶ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଯଦି ମେଟ୍ରିକ୍ ବୋର୍ଡ଼ ପରୀକ୍ଷାରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଆନ୍ତି ତେବେ ସଂସ୍ଥା ତରଫରୁ ସେମାନଙ୍କୁ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ 'ଶିକ୍ଷାଶ୍ରୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥାଏ ।

### ପରୀକ୍ଷା ଶୁଳ୍କ :-

ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ନିମନ୍ତେ ୬୫ /- ଟଙ୍କା ଶୁଳ୍କ ନିର୍ଦ୍ଧାରଣ କରାଯାଇଛି । ଆବେଦନ ପତ୍ର ପୂରଣ କରି ଦାଖଲ କରିବା ପରେ ଯଦି କୌଣସି ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନ ପାରନ୍ତି ତେବେ ପରୀକ୍ଷା ଶୁଳ୍କ ଫେରସ୍ତ କରାଯିବା ସମ୍ଭବ ନୁହେଁ । ଯଦି କୌଣସି ଛାତ୍ରଛାତ୍ରୀ ପରୀକ୍ଷା ଶୁଳ୍କ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦେବା ପାଇଁ ଚାହାନ୍ତି ତେବେ Secretary, Centre for Child Welfare and Social Development, Bhubaneswar ଙ୍କ ନାମରେ ପଠାଇ ପାରିବେ ।

ବିଦ୍ର : ପ୍ରବେଶ ପ୍ରମାଣ ପତ୍ର **(Admission Certificate)** ପରୀକ୍ଷା କେନ୍ଦ୍ରରୁ ପରୀକ୍ଷାର ୭ ଦିନ ପୂର୍ବରୁ ସଂଗ୍ରହ କରନ୍ତୁ । ଯଦି ପାଇ ନାହାନ୍ତି ତେବେ **ଦୂରଭାଷ :୦୬୭୪-୨୫୬୫୫୦୩, ମୋବାଇଲ୍ :୭୩୭୭୬୬୦୧୩୫** ରେ ଯୋଗାଯୋଗ କରନ୍ତୁ ।

**ଶିଶୁ ବିକାଶ କେନ୍ଦ୍ର ତରଫରୁ ମେଧାବୃତ୍ତି ପରୀକ୍ଷା ନିମନ୍ତେ ନିମ୍ନଲିଖିତ ପୁସ୍ତକ ଗୁଡ଼ିକ ପ୍ରକାଶ ପାଇଅଛି ।**

**ଆଗ୍ରହୀ ଛାତ୍ରଛାତ୍ରୀମାନେ କ୍ରୟ ନିମନ୍ତେ ଯୋଗାଯୋଗ କରନ୍ତୁ :-**

- ଶିଶୁ ବିକାଶ ସାଧାରଣଜ୍ଞାନ
- ମାନସିକ ଦକ୍ଷତା ବିକାଶ
- ଶିଶୁ ବିକାଶ ମେଧାବୃତ୍ତି ନମୁନା ପ୍ରଶ୍ନ

# ରାଜ୍ୟସ୍ତରୀୟ

# ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା

## ୨୦୧୧ - ୧୨

## INFORMATION BROCHURE

## &

## APPLICATION FORM

**ଆବେଦନ ପତ୍ର, ନିୟମାବଳୀ, ନମୁନା ପ୍ରଶ୍ନ ଓ ପରୀକ୍ଷା କେନ୍ଦ୍ର ସୂଚନା ୱେବସାଇଟ୍‌ରୁ ସଂଗ୍ରହ କରିପାରିବେ ।**

**ବିଗତ ବର୍ଷମାନଙ୍କରେ ଶିଶୁ ବିକାଶ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ପ୍ରଥମ ଦଶ ଜଣ ମଧ୍ୟରେ ସ୍ଥାନିତ ହୋଇଥିବା କୃତୀ ପ୍ରତିଯୋଗୀ**

**PALLAVI LENKA**-Saraswati Shishu Vidya Mandir, Jagatsinghpur, **PADMINI SAHOO** - Saraswati Vidya Mandir,Unit-3,Bhubaneswar, **GHUNGUR MISHRA**- Srimad Bhagwad Gita Vidya Mandir, Nayapali, Bhubanneswar **DHRUTI RANJAN GAAN**- SaraswatiShishu Vidya Mandir, Karanjia,Mayurbhanja **SMARANIKA SWAIN**-Secondary Board High school,Cuttack,**CHINMAYEE SABAT**- Saraswati Shishu Vidya Mandir,Berhampur, **NITISH PANIGRAHI**- Saraswati Shishu Vidya Mandir, Gosain Nuagaon, Berhampur **ANUP DAS**- Govt.High school,VSS Nagar, Bhubaneswar,**PRANGYA PARAMITA PRADHAN**-Saraswati Shishu VidyaMandir, Unit-8, Bhubaneswar,**MADHUSMITA SAHOO**- Chinmaya Vidyalaya, NTPC, Talcher, Angul **BISWAJIT DALAI**- Ravenshaw Colligiate School, **ANUP ANIMESH PANDA**- Saraswati Shishu Vidya Mandir, Baragada Brit, Bhubaneswar **SARTHAK RAY**-Saraswati Shishu Vidya Mandir, Baragada Brit, Bhubaneswar, **PRAYASEE PRADHAN**- Saraswati Shishu Vidya Mandir, Tulasipur, Cuttack, **BIBEK BISHAL MEHENA**- Saraswati Shishu Vidya Mandir, Sector -6, RKL **ARYA PRAKASH PADHI**- Saraswati Shishu Vidya Mandir, Unit-8, Bhubaneswar, **ANUPAM JENA**-Saraswati Shishu Vidya Mandir, Balubazar,cuttack, **AMIYA RANJAN NAYAK**-Saraswati Shishu Vidya Mandir, Unit-3, Bhubaneswar, **BHABATOSH NAYAK**-M.M.Saraswati Shishu Vidya Mandir,Nua Bazar,Bhadrak, **SOUMYA RANJAN MISHRA**-Saraswati Shishu Vidya Mandir, Unit-3, Bhubaneswar


## ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର

ପ୍ଲଟ୍ ନଂ - ୧୦୭୫ / ୩୧୬୫, ଶତାବ୍ଦୀ ନଗର, ୟୁନିଟ୍ - ୮

ଭୁବନେଶ୍ୱର -୭୫୧୦୦୩

ଦୂରଭାଷ:୦୬୭୪-୨୫୬୫୫୦୩, ମୋ:୯୯୩୮୭୧୧୬୮୬

**E-mail-director.ccwsd@gmail.com**

Website:www.ccwsdorissa.org